

ଥରେ ମାତ୍ର ତାଙ୍କ ମୁହଁକୁ ଅନେଇଛି । ଦିଶୁଥାନ୍ତି ଗୋଟାଏ ବହିର ମଲାଟ ପରି ଗମ୍ଭୀର । ଜଳଖିଆ ଖାଇଲେନି । କେବଳ ଚା’ ଟିକେ ପିଇଲେ । ମାମୁଙ୍କ ସହିତ କ’ଣ କଥା ହେଲେ । ତା’ପରେ ଚାହିଁଲେ ବୋଉକୁ ଟିକେ ଭେଟିବାକୁ । ସେତେବେଳକୁ ସେରକ ପୂରିଲା ମାଣକ ପୂରିଲା ଅବସ୍ଥା ବୋଉର । ନିରପରାଧିନୀ କପୋତୀଟି ପରି କାନ୍ଦକାନ୍ଦ ମୁହଁ । ଏହାର ୭/୮ ଦିନ ପରେ ସେ ପୁଅ ଓ ତାଙ୍କ ସାଙ୍ଗ ଜଣେ ଆସିଲେ । ମୋତେ ଦେଖିଲେ । ମାମୁ, ମାଈଁ, ବୋଉ ଓ ମୋ ଭାଇ ସହିତ କଥା ହେଲେ । ଜଳଖିଆ ଖାଇଲେ ଏବଂ ତା’ପରେ ମୋ ସହିତ କଥା ହେବାପରେ ଲାଗିଲା ମେଘ ଭିତରେ ପଶିଥିବା ଜହ୍ନ ଏବେ ଆଉ ଅସହାୟ ନୁହେଁ ସେ ମେଘ ଭିତରୁ ବାହାରି ତାହାର ରଜତଧବଳ ଜ୍ୟୋସ୍ନାରେ ଆହ୍ଲାଦିତ କରିପାରିବ ସମଗ୍ର ଦିଗ ଓ ଦିଗନ୍ତକୁ ।

ଦଶଦିନ ପରେ ଦିନେ ହଠାତ୍ ମୋ ଭାବୀ ଶ୍ୱଶୁର ଆସିଲେ ମୋ ମାମୁଘରକୁ । ଗତଥର ପରି ଏତେ ଗମ୍ଭୀର ଦିଶୁନଥିଲେ । ବରଂ ଦିଶୁଥିଲେ ଗୋଟାଏ ଫୁଲ ପ୍ରବଳ ଖରାରେ ସିଝି ଯାଇ ଶେତା କଟକଟ ଦିଶୁଥିବା ବିଷଣ୍ଣ ପାଖୁଡ଼ା ପରି । ଗୋଟାଏ ଯେମିତି ଧ୍ୱାନ୍ତ ଦିଗ୍‌ବଳୟ ସେ । ମାମୁଙ୍କ ସାଙ୍ଗରେ କ’ଣ କଥାହେବା ପରେ ମୋ ନାଁ ଧରି ଡାକିଲେ । କହିଲେ – ଋତୁପର୍ଣ୍ଣା ମୋ ଲାଗି ଓ ତମ ମାମୁଙ୍କ ପାଇଁ ବଢ଼ିଆ ଚା’ ଦି’କପ୍ କରିଆଣ । କିଛି ସମୟ ପରେ ଚା’, ପାଣି ଓ କିଛି ଲୁଣିଆ ବିସ୍କୁଟ ଆଣି ଆସିଲି । ତା’ପରେ ମୁଣ୍ଡ ମାଡ଼ି ପ୍ରଣାମ କଲି ତାଙ୍କୁ ଓ ମାମୁଙ୍କୁ । ବସ । ଗୋଟିଏ ବେତ୍ରହସ୍ତ ଶିକ୍ଷକ ପରି ଆଦେଶ ଯେମିତି । କିନ୍ତୁ ଲାଗିଲା ସେ ଆଦେଶଟା ଭିତରେ ଭିତରେ ଲହୁଣୀ ପରି ମୁଲାଏମ । ପୁରୁଣା ପ୍ରାଥମିକ ସ୍କୁଲ ଶିକ୍ଷକ ଯେମିତି ବୁଝାନ୍ତି, ସେମିତି ମାମୁଙ୍କୁ କହିଲେ ମୋତେ ଶୁଣାଇ ଶୁଣାଇ । କହିଲେ – ବଳବନ୍ତରାୟ ବାବୁ ! ଆପଣ ଜାଣନ୍ତି ଆମ ଦେଶପରି ଜାପାନ, କାମ୍ବୋଡ଼ିଆ, ଫିଲିପାଇନ୍‌ସ, ମିଆଁମାର୍, ଥାଇଲାଣ୍ଡ ଓ ନେପାଳରେ ହାତଯୋଡ଼ି ନମସ୍କାର କରାଯାଏ । ଆମ ଦେଶରେ ନମସ୍କାର, ପ୍ରଣାମ, ଜୁହାର, ଦଣ୍ଡବତ, ପ୍ରଣିପାତ, ସାଷ୍ଟାଙ୍ଗ ପ୍ରଣାମ ଓ ଭୂମିଷ୍ଠ ପ୍ରଣାମ ଭଳି ବହୁତ ସୁନ୍ଦର ସଂସ୍କାର କାହିଁ କେତେଦିନରୁ ଚଳିଆସୁଛି । ନମସ୍କାର କଲେ ମସ୍ତକ, ହାତ, ହୃଦୟ ଓ ପାଦର ଗୋଇଠି କାମରେ ଲାଗେ । ମସ୍ତକ ଅଭିମାନର ପ୍ରତୀକ, ହାତ କର୍ମର ପ୍ରତୀକ, ହୃଦୟ ଶ୍ରଦ୍ଧାର ପ୍ରତୀକ ଓ ଗୋଇଠି ସାମର୍ଥ୍ୟର ପ୍ରତୀକ । ଆମେ ଜଣଙ୍କୁ ନମସ୍କାର କଲେ ଆମର ଏହି ଚାରୋଟି ଅବୟବକୁ ନୁଆଇଁ ଥାଉ । ଇଂରାଜୀରେ ଏହା ଚାରୋଟି ‘ଏଚ୍’ ଅର୍ଥାତ୍ ହେଡ୍, ହ୍ୟାଣ୍ଡସ୍, ହାଟ ଓ ହିଲସ୍ । ମୋତେ ଭଲ ଲାଗିଲା ଆପଣଙ୍କ ଭାଣିଜୀର ଗୁରୁଜନଙ୍କ ପ୍ରତି ସମ୍ମାନବୋଧ । କଥା ହେଉଛି, ଆମ ସମସ୍ତଙ୍କର ପସନ୍ଦ ହୋଇଛି ଋତୁପର୍ଣ୍ଣା । କିନ୍ତୁ ଗୋଟିଏ ବଡ଼କଥା ବାହାଘରରେ ଆମର ସାମାନ୍ୟତମ ଡିମାଣ୍ଡ ନାହିଁ । ଏପରିକି ଛୁଞ୍ଚିଟିଏ ମଧ୍ୟ ନୁହେଁ । କେବଳ ପଚାଶ ଷାଠିଏ ସରିକି ବରଯାତ୍ରୀ ଆସିବେ ତାଙ୍କୁ ଗଣ୍ଡାଏ ଭଲକରି ଖାଇବାକୁ ଦେବେ । ବାସ୍ ସେତିକି ।

ମୁଁ ପ୍ରଣାମ କରି ଘରକୁ ଗଲି ଓ ବୋଉକୁ ଧରି ଅନେକ ବେଳଯାଏ କାନ୍ଦିଲି । ଖୁସିରେ, ଆନନ୍ଦରେ, ଅଧୀର ଆବେଗରେ କେବେ ଏମିତି କାନ୍ଦି ନଥିଲି ମୋ ଜୀବନରେ । ବୋଉ ଆଖିର ଲୁହ ମୋ ମୁହଁ ଉପରେ ଠପ୍‌ଠପ୍ ହୋଇ ନିଗିଡ଼ି ପଡୁଥାଏ । ସତରେ କ’ଣ ସେ ମୋ ବୋଉ ନାଁ